## ୧ କୁଇଣ୍ଟାଲ ଗଞ୍ଜେଇ ସହ ବୋଲେରୋ ଜବତ

ବୈପାରିଗୁଡ଼ା,(ଡି.ଏନ୍.ଏ.)-ଗଞ୍ଜେଇ ଚୋରାଚାଲାଣ ବେଳେ କୋରାପୁଟ ଜିଲା ବୈପାରିଗୁଡ଼ା ପୋଲିସ ଚଢ଼ାଉ କରି ଧରିବାରେ ସଫଳ ହୋଇଛି। ନଦୀ ପାରକରି ଗଞ୍ଜେଇ ଚାଲାଣ କରାଯିବାକୁ ଯୋଜନା କରାଯାଉଥିବା ସୂଚନା ପାଇ ଥାନା ଅଧିକାରୀ ବିରଞ୍ଚି ନାରାୟଣ ଜଗତଙ୍କ ନେତୃତ୍ୱରେ ଏକ ଟିମ୍ ଛତିଶଗଡ଼ ସୀମାନ୍ତ ଗୁପ୍ତେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଘଡ଼ାଘାଟଠାରେ ଚଢ଼ାଉ କରିଥିଲେ। ସମ୍ପୃକ୍ତ ୪ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ଗିରଫ କରାଯାଇଛି। ସେଥିରେ ଜଣେ ନାବାଳକ ରହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ନାରାୟଣ ବିଷ୍ଣୋୟୀ, ଶିଶୁପାଲ ବିଷ୍ଣୋୟୀ ଓ ବିକାଶ ବିଷ୍ଣୋୟୀ। ନାରାୟଣଙ୍କ ଘର ରାଜସ୍ଥାନରେ ହୋଇଥିବା ବେଳେ ଶିଶୁପାଲ ଓ ବିକାଶଙ୍କ ଘର ଛତିଶଗଡ଼ରେ ବୋଲି ଜଣାପଡ଼ିଛି। ଚାଲାଣରେ ବ୍ୟବହୃତ ବୋଲେରୋ ଓ ୨ଟି ବାଇକ୍ ଜବତ ହୋଇଛି।

## ସଂକ୍ଷେପରେ

### ଟ୍ରକ୍‌ରୁ ପୋଲିସକୁ ମିଳିଲାନି ଗଞ୍ଜେଇ

କୋଟପାଡ଼,୭।୫(ଡି.ଏନ.ଏ.)- ଲମତାପୁଟ ଅଞ୍ଚଳରୁ କୋଟପାଡ ଦେଇ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସମ୍ପର୍କରେ ସୂଚନା ପାଇ କୋଟପାଡ଼ ପୋଲିସ ଶନିବାର ଥାନା ସମ୍ମୁଖରେ ସନ୍ଦେହରେ ଏକ ଟ୍ରକ (ଆରଜେ୧୧ଜିବି-୮୨୪୬)କୁ ଯାଞ୍ଚ କରିଥିଲା। ମାତ୍ର ପଣସ ବୋଝେଇ ଏହି ଟ୍ରକ୍‌ରୁ ପୋଲିସକୁ ଗଞ୍ଜେଇ ମିଳି ନ ଥିଲା। ଫଳରେ ପୋଲିସ ପାଇଥିବା ସୂଚନା ଭୁଲ୍ ପ୍ରମାଣିତ ହୋଇଥିଲା।

### ପ୍ରଶାସନ ପକ୍ଷରୁ ବିଭିନ୍ନ ଦୋକାନ ଉପରେ ଚଢ଼ାଉ



ମାଲକାନଗିରି,୭।୫ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ମେଡିକାଲ ପରିସରରେ ଥିବା ୧୨ଟି ଦୋକାନ ଉପରେ ଶନିବାର ଚଢ଼ାଉ କରାଯାଇ ଗୁଟ୍‌ଖା, ବିଡ଼ି, ଖଇନି, ସିଗାରେଟ୍ ଆଦି ଦ୍ରବ୍ୟ ଜବତ କରାଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗର ଏନ୍‌ସିଡି ସେଲ୍, ପୌର ପରିଷଦ ଓ ମାଲକାନଗିରି ପୋଲିସ ପକ୍ଷରୁ ଏହି ମିଳିତ ଚଢ଼ାଉ କରାଯାଇଥିଲା। ସମ୍ପୃକ୍ତ ଦୋକାନଗୁଡ଼ିକରୁ ୨ଶହ ଟଙ୍କା ଲେଖାଏ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ମେଡିକାଲ ପରିସରରେ ଗୁଟ୍‌ଖା ଖାଉଥିବା ରୋଗୀଙ୍କ ଦୁଇଜଣ ସମ୍ପର୍କୀୟଙ୍କଠାରୁ ଶହେ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି। ୧୨ଟି ଦୋକାନ ଉପରେ ଚଢ଼ାଉ ହୋଇଥିବା ବେଳେ ୭ଟି ଦୋକାନରୁ ଉପରୋକ୍ତ ସାମଗ୍ରୀ ଜବତ ହୋଇଛି। ଜବତ ଦ୍ରବ୍ୟକୁ ପୋଡ଼ି ନଷ୍ଟ କରାଯାଇଛି। ଚଢ଼ାଉରେ ଏନ୍‌ସିଡି ସେଲ୍ ଡାକ୍ତର ଦୁର୍ଗାପ୍ରସାଦ ରାଜ, ଶିବସୁନ୍ଦର ପାଣିଗ୍ରାହୀ, ପୌର ପରିଷଦ କର୍ମଚାରୀ ଓ ପୋଲିସ ଅଧିକାରୀ ସାମିଲ ଥିଲେ।

### ଉନ୍ନୟନ କାର୍ଯ୍ୟ ତଦାରଖ କଲେ ପିଏ ଆଇଟିଡିଏ

ଚିତ୍ରକୋଣ୍ଡା,୭।୫(ଡି.ଏନ.ଏ.)- ଦୀର୍ଘ ଦିନ ହେଲା ମାଲକାନଗିରି ଜିଲା ପିଏ ଆଇଟିଡିଏ ପଦବୀ ଖାଲି ପଡ଼ିଥିଲା। ଗତ ୪ରେ ତ୍ରିନାଥ ମାଝୀ ପିଏ ଆଇଟିଡିଏ ରୂପେ ନିଯୁକ୍ତି ପାଇବା ପରେ ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଛନ୍ତି। ସେ ବଡପଡ଼ା, ପାପରମେଟେଲା, ଯନ୍ତାପାଇ, ଗୋରାସେତୁ, ଯୋଡ଼ାମ୍ବ ପରିଦର୍ଶନ କରି ଉନ୍ନୟନମୂଳକ କାର୍ଯ୍ୟଗୁଡିକର ତଦାରଖ କରିଥିଲେ। ବଡ଼ପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ପିଲାଙ୍କ ପାଠପଢ଼ା ସମ୍ପର୍କରେ ଆଲୋଚନା କରିଥିଲେ। ଏବଂ ବିଦ୍ୟାଳୟ ର ସ୍ଥିତି ସମ୍ପର୍କରେ ଶିକ୍ଷକଙ୍କ ସହିତ ଆଲୋଚନା କରିଥିଲେ। ସ୍ୱାଭିମାନ ଅଞ୍ଚଳରେ ଶିକ୍ଷାର ବିକାଶରେ ସୁଧାର ନିମନ୍ତେ ବିଭିନ୍ନ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ।

### ବିଭିନ୍ନ ଅଞ୍ଚଳ ବୁଲି ସମସ୍ୟାର ସମାଧାନ କରୁଛନ୍ତି ଜିଲା ପରିଷଦ ଉପାଧ୍ୟକ୍ଷ



କୁନ୍ଦୁରା,୭।୫(ଡି.ଏନ୍.ଏ.)-କୁନ୍ଦୁରା ବ୍ଲକର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରି ଲୋକଙ୍କ ସମସ୍ୟାର ସମାଧାନ କରୁଛନ୍ତି ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ। ବ୍ଲକର କାଳିଆକାଦ ଗ୍ରାମରେ ପାଣି ସମସ୍ୟା ଲାଗି ରହିଥିବା ନେଇ ଗ୍ରାମବାସୀ ନିକଟରେ ବ୍ଲକ କାର୍ଯ୍ୟାଳୟଠାରେ ପ୍ରତିବାଦ କରିଥିଲେ। ଏନେଇ ପ୍ରଶାସନ ସହ ଅଲୋଚନାକରି ଏକ ସପ୍ତାହ ମଧ୍ୟରେ ପାଣି ସମସ୍ୟା ଦୂରକରିବାକୁ ଉପାଧ୍ୟକ୍ଷ ସାମନ୍ତରାୟ ପ୍ରତିଶ୍ରୁତି ଦେଇଥିଲେ। କାଳିଆକାଦଠାରେ ଶୁକ୍ରବାର ନଳକୂପ ଖୋଲାଯାଇଛି। ଏଥିସହ ନବଗଠିତ ଫୁପୁଗାଁ ପଞ୍ଚାୟତର ଏକ ବୈଠକରେ ଯୋଗ ଦେଇ ପଞ୍ଚାୟତର ଉନ୍ନତିରେ ସେ ସବୁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ସ୍ୱାଭିମାନ ଅଞ୍ଚଳରେ କୃଷିମେଳା

ଚିତ୍ରକୋଣ୍ଡା,୭।୫(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳରେ ପ୍ରଥମ ଥର ଜିଲା କୃଷି ବିଭାଗ ପକ୍ଷରୁ ବ୍ଲକସ୍ତରୀୟ କୃଷକ ମେଳା ଅନୁଷ୍ଠିତ ହୋଇଛି। ବଡ଼ପଡ଼ା କାର୍ଯ୍ୟାଳୟଠାରେ ୯ଟି ପଞ୍ଚାୟତର ବହୁ ଚାଷୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗ ୧୦ଟି କୃଷକ ଷ୍ଟଲ ଖୋଲିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଆର୍. ହୟଗ୍ରୀବ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ସମ୍ମାନିତ ଅତିଥି ଭାବେ ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ବଡ଼ପଡ଼ା ସରପଞ୍ଚ ମିଲୁ ଖିଲ, ସମିତିସଭ୍ୟ ଚକ୍ର ଖିଲ, ଶିଶୁ ଓ ମହିଳା କଲ୍ୟାଣ ସମିତିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ।

# ବାଲି, ମାଟିରେ ପୋତି ହୋଇଯାଉଛି କୋଲାବ ଜଳଭଣ୍ଡାର

କୋରାପୁଟ,୭।୫(ସ୍ୱ.ପ୍ର.)



କୋରାପୁଟ ଜିଲାରେ ଗତ କିଛି ବର୍ଷ ହେବ ବୃଷ୍ଟିପାତରେ ଅନିୟମିତତା ଯୋଗୁ ଜିଲାର ମୁଖ୍ୟ ଜଳଭଣ୍ଡାର କୋଲାବରେ ଜଳସ୍ତର ହ୍ରାସ ପାଉଛି । ବାଲି, ମାଟିରେ ପୋତି ହୋଇଯାଉଛି। କୋଲାବ ଜଳଭଣ୍ଡାର ଫଳରେ ଜିଲା ପାଇଁ ପାନୀୟ ଜଳ ସମସ୍ୟା ଦେଖାଯାଉଛି। ସମୟ ଥିଲା କୋରାପୁଟ ଜିଲାରେ ବର୍ଷକୁ ୬ ମାସ ବର୍ଷା ହେଉଥିଲା । ମାତ୍ର ଗତ କିଛି ବର୍ଷ ଧରି ଏହାର ପରିମାଣ ଅପେକ୍ଷାକୃତ ଭାବେ ହ୍ରାସ ପାଉଛି । ଏଥିଯୋଗୁ ଭୂତଳ ଜଳସ୍ତର ମଧ୍ୟ କମିବାରେ ଲାଗିଛି । ଏପରି ପରିସ୍ଥିତି ଲାଗି ରହିଲେ ଆଗାମୀ ଦିନରେ କୋରାପୁଟ ଅଞ୍ଚଳରେ ଜଳସଙ୍କଟ ଉତ୍କଟ ସମସ୍ୟା ରୂପେ ଦେଖା ଦେବ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଦୀର୍ଘ ୧୨୫୦ ବର୍ଗ କିଲୋମିଟର ପରିବ୍ୟାପ୍ତ କୋଲାବ ଜଳଭଣ୍ଡାରରୁ ଜିଲାର ନାଲ୍‌କୋ ଓ ହାଲ ଭଳି ଶିଳ୍ପ ଅନୁଷ୍ଠାନ ପାଣି ନେଉଛନ୍ତି। ଜନସାଧାରଣଙ୍କୁ ମଧ୍ୟ ଏଥିରୁ ଜଳ ଯୋଗାଣ ହେଉଛି। ଫଳରେ କୋଲାବ ଜଳଭଣ୍ଡାର ଦିନକୁ ଦିନ ବାଲି ଓ ମାଟିରେ ପୋତି ହୋଇଯାଉଛି। କୋଲାବ ସମେତ ଏହି ଅଞ୍ଚଳରେ ଥିବା ଇନ୍ଦ୍ରାବତୀ, ବାଲିମେଳା ଓ ଜଳାପୁଟ ଜଳଭଣ୍ଡାର ପ୍ରତି ଆବଶ୍ୟକ ରକ୍ଷଣବେକ୍ଷଣ କରାଯାଉ ନ ଥିବାରୁ ଜଳଭଣ୍ଡାରଗୁଡିକରେ ପାହାଡରୁ ଧୋଇ ହୋଇ ଆସୁଥିବା ମାଟି ଅଧିକରୁ ଅଧିକ ମାତ୍ରାରେ ଭର୍ତ୍ତି ହେଉଛି । ଫଳତଃ ଜଳଭଣ୍ଡାରଗୁଡ଼ିକର ଜଳଧାରଣ କ୍ଷମତା ଆଶାତୀତ ଭାବେ ହ୍ରାସ ପାଉଛି। ସୁନାବେଡାସ୍ଥିତ ଭାରତୀୟ ମୃତ୍ତିକା ଓ

### ଜିଲାରେ ବଢୁଛି ବର୍ଷା ଅନିୟମିତତା

ଜଳ ସଂରକ୍ଷଣ ସଂସ୍ଥାର ଗବେଷକ ଜ୍ୟୋତିର୍ମୟୀ ଲେଙ୍କା ଏ ସମ୍ପର୍କରେ କହିଛନ୍ତି ଯେ, ସରକାରଙ୍କ ପକ୍ଷରୁ କୋଲାବ ଜଳଭଣ୍ଡାରର କ୍ୟାଚମେଣ୍ଟ ଏରିଆରେ ମୃତ୍ତିକା ସଂରକ୍ଷଣ ସହିତ ବର୍ଷାକୁ ପ୍ରଭାବିତ କରିବା ଭଳି ଆବଶ୍ୟକ ବୃକ୍ଷରୋପଣ କରିବା ଦରକାର। କୋଲାବ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ଶତ୍ରୁଘ୍ନ ମହାରଣା କୋଲାବ ଜଳଭଣ୍ଡାରରେ ମାଟି ଓ ବାଲି କମିଥିବା ସ୍ୱୀକାର କରୁଥିଲେ ହେଁ ପରିସ୍ଥିତି ବିପଦ୍ଜନକ ନ ଥିବା ପ୍ରକାଶ କରିଛନ୍ତି। ଇଞ୍ଜିନିୟର ସୁନୀଲ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଲେ,ଏଦିଗରେ ଉଚିତ ପଦକ୍ଷେପ ଗ୍ରହଣ ନ କଲେ କୋଲାବ ଜଳଭଣ୍ଡାରରୁ ଜଳସେଚନ ଓ ବିଦ୍ୟୁତ ଉତ୍ପାଦନ ପ୍ରଭାବିତ ହେବ।

# ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ପୂର୍ବତନ ସମ୍ପାଦକ



ଜିଲା ଅମଲା ସଂଘର କାର୍ଯ୍ୟ ନିର୍ବାହୀ ସଦସ୍ୟ ବୈଠକରେ ଉପସ୍ଥିତ ଥିବା କର୍ମକର୍ତ୍ତାମାନେ।

ଜୟପୁର, ୭।୫ (ନି.ପ୍ର.)

ଜୟପୁର କର୍ମଚାରୀ ଭବନଠାରେ ଶନିବାର କୋରାପୁଟ ଜିଲା ଅମଲା ସଂଘର କାର୍ଯ୍ୟ ନିର୍ବାହୀ ସଦସ୍ୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଂଘ ସମ୍ପାଦକ ଶଶୀଭୂଷଣ ଦାଶ ଅଧ୍ୟକ୍ଷତା କରିଥିଲେ। କୋରାପୁଟ ଅମଲା ସଂଘ ପୁରୁଣା କମିଟିର କାର୍ଯ୍ୟକାଳ ୨୦୧୮ରେ ଶେଷ ହୋଇଥିବା ସ୍ଥଳେ ରାଜ୍ୟ ସାଧାରଣ ସମ୍ପାଦକ ସେହି କମିଟି ସ୍ଥାନରେ ଗଠିତ ନୂତନ କମିଟିକୁ ସ୍ୱୀକୃତି ଦେଇଥିଲେ। ତେବେ ପୂର୍ବତନ

### ଜିଲା ଅମଲା ସଂଘ ବୈଠକ

ସମ୍ପାଦକ ଭବାନୀ ଶଙ୍କର ଆଚାର୍ଯ୍ୟ ନିଜ ଦାୟିତ୍ୱ ହସ୍ତାନ୍ତର ନ କରି ବିଭିନ୍ନ ଆଳ ଦେଖାଉଥିବା ଶଶୀଭୂଷଣ ଅଭିଯୋଗ କରିଥିଲେ। ଅମଲା ସଂଘ ପାଣ୍ଠିର ଅପବ୍ୟବହାର କରାଯାଇ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବାରୁ ଆଚାର୍ଯ୍ୟ ଦାୟିତ୍ୱ ହସ୍ତାନ୍ତର କରିବାକୁ ବିଭିନ୍ନ ଆଳ ଦେଖାଉଛନ୍ତି ବୋଲି ଶଶୀଭୂଷଣ ପ୍ରକାଶ କରିଛନ୍ତି।

# ରୋଗାକ୍ରାନ୍ତ ଶାଶୁଙ୍କ ପାଇଁ ଔଷଧ କିଣିବାକୁ ଅର୍ଥ ବାଧକ

ମାଲକାନଗିରି,୭।୫ (ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ସଦର ପଞ୍ଚାୟତ ଝରିଆଗୁଡ଼ା ଗ୍ରାମରେ ରହନ୍ତି ତୁଳସୀ ସିରଗାମଙ୍କ ପରିବାର। ସ୍ୱାମୀ ସନ୍ୟାସୀ ସିରଗାମଙ୍କର ଯକ୍ଷ୍ମାରେ ପରଲୋକ ପରେ ଏବେ ଅସହାୟ

### ସ୍ୱାମୀଙ୍କ ମୃତ୍ୟୁ ପରେ ମିଳିନି ସରକାରୀ ସହାୟତା

ହୋଇପଡିଛନ୍ତି ତୁଳସୀ। ବୃଦ୍ଧା ଶାଶୁ, ଦୁଇ କୋମଳମତି ଝିଅଙ୍କୁ ନେଇ କିଭଳି ସଂସାର ଚଳିବ ସେନେଇ ଚିନ୍ତାରେ ପଡିଛନ୍ତି ସେ।



ତୁଳସୀଙ୍କ ପରିବାର।

ତୁଳସୀ ବର୍ତ୍ତମାନ କୁଲି କାମ କରି କିଛି ରୋଜଗାର କରି ଆଣିଲେ ଘରେ ଚୁଲି ଜଳୁଛି ନଚେତ୍ ନାହିଁ। ଏପରି ସ୍ଥିତିରେ ରୋଗାକ୍ରାନ୍ତ ହୋଇପଡିଥିବା ବୃଦ୍ଧା ଶାଶୁଙ୍କ ପାଇଁ ଔଷଧ କିଣିବାକୁ ଅର୍ଥ ନାହିଁ। ସରକାରୀ ସାହାଯ୍ୟ କହିଲେ କେବଳ ବିପିଏଲ୍ ଚାଉଳ ଗଣ୍ଡାକ ମିଳୁଛି। ସ୍ୱାମୀ ଯକ୍ଷ୍ମାରେ ଚାଲିଯିବା ପରେ ଯେଉଁ ସରକାରୀ ସହାୟତା ମିଳିବା କଥା ଏପର୍ଯ୍ୟନ୍ତ ମିଳିନାହିଁ। ଜାତୀୟ ପରିବାର ମଙ୍ଗଳ ଯୋଜନାରେ ମିଳିବାକୁ ଥିବା ୨୦ହଜାର ଟଙ୍କା ମଧ୍ୟ ଏପର୍ଯ୍ୟନ୍ତ ମିଳିନାହିଁ। ୬୦ ବର୍ଷ ଟପିଥିବା ଶାଶୁଙ୍କ ଆଧାର କାର୍ଡ ନ ଥିବାରୁ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା କିମ୍ବା ବିଧବା ଭତ୍ତା ମିଳୁନାହିଁ। ଏ ସମ୍ପର୍କରେ ଖଇରପୁଟ ବିଡିଓ ହୃଦାରଞ୍ଜନ ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ଅନେକ ହିତାଧିକାରୀଙ୍କ ତାଲିକା କରାଯାଇଛି। ଆମେ ଶୀଘ୍ର ନୂତନ ତାଲିକାର ସବୁ ହିତାଧିକାରୀଙ୍କୁ ସୁବିଧା ଯୋଗାଇଦେବୁ। ତୁଳସୀଙ୍କ ପରିବାରକୁ ମଧ୍ୟ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇବାଦେବାକୁ ପଦକ୍ଷେପ ନିଆଯିବ ବୋଲି ବିଡିଓ ସାହୁ କହିଥିଲେ।

# ଯୋଡ଼ାମ୍ବ ଥାନା ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଚିତ୍ରକୋଣ୍ଡା,୭।୫(ଡି.ଏନ.ଏ.)

ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଯୋଡ଼ାମ୍ବ ଓ ଦାରଲାବେଢ଼ା ଗ୍ରାମବାସୀ ଯୋଡ଼ାମ୍ବ ଥାନା ଅଧିକାରୀ ଅନିଲ କୁମାର ପରିଡ଼ାଙ୍କୁ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ସେ ଏଠାରେ ନୂତନ ଭାବେ ଥାନା ପ୍ରତିଷ୍ଠା ପରେ ପ୍ରଥମ ଥାନା ଅଧିକାରୀ ରୂପେ ୨୦୨୦ରେ ଯୋଗଦେଇଥିଲେ। ଲୋକଙ୍କ ସମସ୍ୟା ସମାଧାନ ନିମନ୍ତେ ସେ ଲୋକଙ୍କ ନିକଟରେ ପହଞ୍ଚୁଥିଲେ। ଲୋକଙ୍କୁ ପୋଲିସର ନିକଟତର କରିପାରିଥିଲେ। କିଛିଦିନ ତଳେ ଅନିଲଙ୍କ ଚିତ୍ରକୋଣ୍ଡା ଥାନା ଅଧିକାରୀ ଭାବେ ବଦଳି ହୋଇଛି। ଦାରଲାବେଢ଼ା ଗ୍ରାମରେ ଆୟୋଜିତ ସଭାରେ ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ବିଇଓ ଗାୟତ୍ରୀ ଦେବୀ,ବଡ଼ପଡ଼ାର ପୂର୍ବତନ ଥାନା ଅଧିକାରୀ ଲକ୍ଷ୍ମୀନାରାୟଣ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ବଣ୍ଟନ



କୃତ୍ରିମ ଅଙ୍ଗ ପାଇଥିବା ଭିନ୍ନକ୍ଷମମାନେ ।

କୋରାପୁଟ, ୭।୫(ସ୍ୱ.ପ୍ର.)

ଶନିବାର କୋରାପୁଟ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରଠାରେ ୧୦ ଜଣ ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଛି । ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଅସ୍ଥିଶଲ୍ୟ ଯୋତା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସିମାଞ୍ଚଳ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କୁ କୃତ୍ରିମ ଅଙ୍ଗ ବଣ୍ଟନ କରିଥିଲେ । ରାଷ୍ଟ୍ରୀୟ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଦିଲିପ ମିଶ୍ର ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପୁନର୍ବାସ କେନ୍ଦ୍ରର ଚିକିତ୍ସକ ପ୍ରେମା କିଣ୍ଡୋ, ଅଞ୍ଜନ କୁମାର ସାହୁ, ସୁଦେଷ୍ଣା ଘୋଷ, ଅଞ୍ଜନା ପଣ୍ଡା, ଅମୁଲ୍ୟ ଦାସ ଉପସ୍ଥିତ ଥିଲେ ।

# ଅଭିଯୋଗକାରୀ ଫେରିପାଇଲେ ଚୋରି ସୁନା

ଜୟପୁର, ୭।୫ (ନି.ପ୍ର.)

ଚୋରି ସୁନା ଫେରି ପାଇଛନ୍ତି ଅଭିଯୋଗକାରୀ। ଜୟପୁର ଟାଉନ ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ ଜଣେ ମହିଳାଙ୍କ ଦ୍ୱାରା ଚୋରି ହୋଇ ବିଭିନ୍ନ ଫାଇନାନ୍ସ କମ୍ପାନୀରେ ବନ୍ଧକ ଥିବା ସୁନା ଜବତ କରି ଶନିବାର ଅଭିଯୋଗକାରୀଙ୍କୁ ଫେରାଇଛନ୍ତି। ଖବରରୁ ଜଣାପଡ଼ିଛି କୋଲାବନଗରର ସାନ କ୍ରିଷ୍ଣା ଟାଉନଙ୍କ ପରିବାର ଲୋକେ ଗତ ଅକ୍ଟୋବର ୧୬ରୁ ୧୯ ତାରିଖ ଯାଏ କୌଣସି କାର୍ଯ୍ୟରେ ଯୋଗ ଦେବାକୁ ବାହାରକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗରେ ଘର ଆଲମାରି ଭାଙ୍ଗି କେହି ଦୁର୍ବୃତ୍ତ ସବୁ ସୁନା ଚୋରି କରି ନେଇଥିଲେ। ଏନେଇ କ୍ରିଷ୍ଣା ଟାଉନ ଥାନାରେ ଅଭିଯୋଗ କରିଥିଲେ । ଏହାକୁ ଭିତ୍ତିକରି ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ସାନ କ୍ରିଷ୍ଣାଙ୍କ ଘରେ କାମ କରୁଥିବା ମହିଳା ରେବତୀ ହୋତା ସବୁ ସୁନା ଅଳଙ୍କାର ଚୋରି କରି ନେଇ ମିଳସାହିର କେ. ଶିରି ନାମରେ ସୁନା ମଣିପୁରମ ଫାଇନାନ୍ସରେ ୧ ଲକ୍ଷ ୮୦ ହଜାର ଟଙ୍କାରେ, ୧ ଲକ୍ଷ ୧୦ ହଜାର ଟଙ୍କାରେ କିଛି ସୁନା ମୁଥୁଟ୍ ଫାଇନାନ୍ସରେ ଏବଂ କିଛି ସୁନା ବଜାଜ ଫାଇନାନ୍ସରେ ବନ୍ଧକ ରଖିଛନ୍ତି । ପୋଲିସ ଏହି ୩ଟି ଫାଇନାନ୍ସ କମ୍ପାନୀରୁ ଚୋରି ସୁନା ଜବତକରି କ୍ରିଷ୍ଣାଙ୍କ ପରିବାରକୁ ଫେରାଇଛି। ମାମଲାରେ ଜଡିତ କେ. ଶିରିଙ୍କୁ ତା ୪।୪।୨୨ରିଖରେ ଗିରଫ କରି କୋର୍ଟ ଚାଲାଣ କରିଛି । ମାମଲାରେ ଜଡିତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଟାଉନ ଥାନା ଅଧିକାରୀ ମଣ୍ଡଳ କହିଛନ୍ତି।



ପୋଲିସ ଅଭିଯୋଗକାରୀଙ୍କୁ ଫେରାଇଥିବା ସୁନା ଅଳଙ୍କାର।

# ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

ଜୟପୁର, ୭।୫ (ନି.ପ୍ର.)

ଜୟପୁର ସହରରେ ବହୁ ସରକାରୀ ଜାଗା ଜବରଦଖଲ ହୋଇଛି । ଏହା ସହରର ବିକାଶରେ ବାଧକ ସାଜିଛି । ଏନେଇ ଶନିବାର ରାଜସ୍ୱ, ପୌର ପରିଷଦ ଓ ପୋଲିସ ମିଳିତ ଭାବେ ଜବରଦଖଲ ଉଚ୍ଛେଦ କରିଛନ୍ତି। ପାରାବେଢ଼ାସ୍ଥିତ ଫରେଷ୍ଟ ଅଫିସ ନିକଟ, ଜୟନଗର ଚିଡ଼ ବିନୋଦନ କେନ୍ଦ୍ର ଛକ ନିକଟରେ ଉଚ୍ଛେଦ କରାଯାଇଛି। ପ୍ରଶାସନ ତରଫରୁ ଜେସିବି ଦ୍ୱାରା ଅର୍ଦ୍ଧନିର୍ମିତ ଘର ସବୁ ଭଙ୍ଗାଯାଇଛି । ଉଚ୍ଛେଦ ସମୟରେ ତହସିଲଦାର ପ୍ରଧାନ ବୁଲି ଆମ୍ବା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ରାଜସ୍ୱ ନିରୀକ୍ଷକ ଓ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ। କୌଣସି ଅପ୍ରୀତିକର ପରିସ୍ଥିତିରେ ମୁକାବିଲା ଲାଗି ଟାଉନ ଥାନା ପୋଲିସକୁ ମୁତୟନ କରାଯାଇଥିଲା।

# ଚାପ ପକାଇ କାର୍ଯ୍ୟକରିବାକୁ ଜନ ପ୍ରତିନିଧିଙ୍କୁ ଆହ୍ୱାନ

ମାଲକାନଗିରି, ୭।୫(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ଶିଖପାଲି ପଞ୍ଚାୟତ ପାକ୍‌ଲୋଣ୍ଡା ଗ୍ରାମରେ ଶନିବାର ଆମ ଅଧିକାର ସଙ୍ଗଠନ ପକ୍ଷରୁ ୭ଟି ପଞ୍ଚାୟତର ଆଦିବାସୀଙ୍କୁ ନେଇ ସେମାନଙ୍କ ଅଧିକାର ସମ୍ପର୍କିତ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି

### ଆଦିବାସୀଙ୍କ ଅଧିକାରକୁ ନେଇ ବୈଠକ

ଏରା ପଡିଆମୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ମାଟେରୁ, ନିଲିଗୁଡା, ମାଟାପାକା, ଗୋରାଖୁଣ୍ଟା, ଶିଖପାଲି, ତଣ୍ଡାପାଲ୍ଲି ଓ ଚାଲାଣଗୁଡା ପଞ୍ଚାୟତର ଆଦିବାସୀ ନେତାମାନେ



ବୈଠକରେ ଉପସ୍ଥିତ ୭ ପଞ୍ଚାୟତର ଆଦିବାସୀ।

ଉପସ୍ଥିତ ଥିଲେ। ପ୍ରଶାସନ ଉପରେ ଚାପ ପକାଇ ଜନ ପ୍ରତିନିଧି କାର୍ଯ୍ୟ କରାଇବାକୁ ଅଞ୍ଚଳବାସୀ ଆହ୍ୱାନ ଦେଇଥିଲେ। ବନବାସୀ ଆଦିବାସୀମାନେ ଜଙ୍ଗଲ ସମ୍ପଦ ଉପରେ ନିର୍ଭର କରୁଥିବା ବେଳେ ଲଘୁ ବନଜାତ ଦ୍ରବ୍ୟ କେନ୍ଦୁପତ୍ର, ଟୋଲା, ମହୁଲ, ଫୁଲଝାଡୁ, ମହୁ, ଝୁଣା, ବିଭିନ୍ନ ଚେରମୂଳ, ମଞ୍ଜିର ଉଚିତ ମୂଲ୍ୟ ନିର୍ଦ୍ଧାରଣ କରି ସରକାର ମଣ୍ଡି ମାଧ୍ୟମରେ କ୍ରୟ କରିବା, ଆଦିବାସୀଙ୍କ ଶିକ୍ଷାର ଉନ୍ନତି, ପ୍ରତ୍ୟେକ ଗ୍ରାମକୁ ପକ୍କା ରାସ୍ତା, ସମସ୍ତ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ବିଦ୍ୟୁତ୍, କୃଷି, ମତ୍ସ୍ୟ, ପ୍ରାଣୀପାଳନ, ଆଦିବାସୀ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀଙ୍କୁ ବୈଷୟିକ ତାଲିମ୍, ବିନା ସୁଧରେ ବ୍ୟାଙ୍କ ଋଣ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଜିଲା ପ୍ରସାଶାନ ଏହାକୁ ଗୁରୁତ୍ୱ ଦେଇ ଜିଲାରେ ସବୁ ଅଞ୍ଚଳରେ କାର୍ଯ୍ୟକାରୀ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଏ ଦିଗରେ ନବ ନିର୍ବାଚିତ ଜନ ପ୍ରତିନିଧିମାନେ ଜିଲା ପ୍ରଶାସନ ଓ ସରକାରଙ୍କ ଉପରେ ଚାପ ପ୍ରୟୋଗ କରି କାର୍ଯ୍ୟ କରାଇବାକୁ ଉପସ୍ଥିତ ଅଞ୍ଚଳବାସୀ ଆହ୍ୱାନ ଦେଇଥିଲେ। ବୈଠକରେ ସମ୍ପାଦକ ବୁଦୁରା କାର୍ତ୍ତାମି, ମୁକା ପଡିଆମି , ସୋମନାଥ ମାଢ଼ି, ସମା ମାଢ଼ି, ଜଗା ମାଡକାମି, ସୁକ୍ରି ମାଡକାମି, ଗାଙ୍ଗି ରାବା, ରଶ୍ମି ପଡିଆମିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


## ବାରିପଦା ପୌର ପରିଷଦ
ବାରିପଦା, ମୟୂରଭଞ୍ଜ-୭୫୭୦୦୧

ପତ୍ର ସଂଖ୍ୟା: 2840

### ନିଲାମ ଇସ୍ତାହାର

ତା: 7.5.2022

No.C-229:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବାରିପଦା ପୌରପରିଷଦର ନିଷ୍ପତ୍ତିମତେ ୭ ଗୋଟି ସୈରାତର ଜଉମୁଦଦିଆ ନିବିଦା (Sealed Quotation) ଆହ୍ୱାନ କରାଯାଉଅଛି । ପୌର ପରିଷଦର ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନମାନେ ନିବିଦା କାଗଜ କିଣି ତା୨୩।୫।୨୦୨୨ରିଖ ଦିବା ୧୧ ଘଟିକା ସୁଦ୍ଧା ସେଥିରେ ଆବେଦନ କରିଥିବା ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ନିବିଦା ଦାଖଲ କରିପାରିବେ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିବିଦା ଗ୍ରହଣୀୟ ହେବନାହିଁ । ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତାହା ହେଲେ ପୁଣି ସାନି ନିବିଦା ଆହ୍ୱାନ କରାଯିବ । ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌର ପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି । ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ । ଦାଖଲ ହୋଇଥିବା ନିବିଦାଗୁଡ଼ିକ ସେହିଦିନ ଅର୍ଥାତ୍ ତା୨୩।୫।୨୦୨୨ରିଖ ଦିବା ୧୨ ଘ. ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାଦାତା ବା ସେମାନଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧି ଓ ଟେଣ୍ଡର କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ । ବିଶେଷ ବିବରଣୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି କାର୍ଯ୍ୟାଳୟ ୱେବ୍‌ସାଇଟ୍ www.baripadamunicipality.inରେ ଓ କାର୍ଯ୍ୟାଳୟ ଖୋଲାଥିବା ଦିବସମାନଙ୍କରେ କାର୍ଯ୍ୟାଳୟରେ ବୁଝିପାରିବେ ।

| Sl. No. | Sairat Name | Lease period | Lease period for public auction | Up-set price to be fixed for upcoming year 2022-23 onward | SD amount @10% of the upset price | Cost of auction paper |
|---|---|---|---|---|---|---|
| 1 | Market Cycle Stand | May 2022-23 | One Year | Rs.19,898.00 | Rs.1,990.00 | Rs.200.00 |
| 2 | K.M.B.M. Cycle Stand | May 2022-23 | One Year | Rs.21,999.00 | Rs.2,200.00 | Rs.200.00 |
| 3 | Carts & Carriage with dog license | May 2022-23 | One Year | Rs.71,077.00 | Rs.7,108.00 | Rs.200.00 |
| 4 | Biju Pattnaik Children Park Canteen | May 2022-23 | One Year | Rs.82,999.00 | Rs.8,300.00 | Rs.200.00 |
| 5 | Baripada Market & other places except Ward No 13 & 20 (p) | May 2022-23 | One Year | Rs.29,14,216.00 | Rs.2,91,422.00 | Rs.1000.00 |
| 6 | Station Bazar Daily Market ward No.13 & 20 (p) | May 2022-23 | One Year | Rs.8,64,600.00 | Rs.86,460.00 | Rs.500.00 |
| 7 | Day Night Kacheri Market & Market & another Vehicle Stand | May 2022-23 | One Year | Rs.1,13,126.00 | Rs.11,313.00 | Rs.500.00 |

**ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ନିବିଦା ଚୂଡ଼ାନ୍ତ କରାଯିବ ।**

1. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନମାନେ ନିଲାମରେ ଭାଗ ନେଇ ପାରିବେ ନାହିଁ ।
2. ନିବିଦା ଦାଖଲ କରିବା ବ୍ୟକ୍ତିବିଶେଷମାନେ ନିବିଦା (Quotation) ସହିତ Solvency Certificate ବା ନିବିଦା ମୂଲ୍ୟର ବ୍ୟାଙ୍କ Guarantee in favour of "Executive Officer, Payable at Baripada" ଦାଖଲ କରିବେ, ନଚେତ ଦାଖଲ କରିଥିବା ନିବିଦା ଗ୍ରହଣୀୟ ହେବ ନାହିଁ ।
3. ନିବିଦା ସହିତ ଆବଶ୍ୟକ S.D. Money (ଅମାନତ ଟଙ୍କା) "Banker Check or DD in favour of the Executive Officer, Baripada Municipality, Baripada payable at Baripada କରିଆରେ ଦାଖଲ କରିପାରିବେ ।
4. ନିବିଦାଦାତା ପୌରାଞ୍ଚଳ ଅଧିବାସୀ ହୋଇଥିବେ ଏବଂ ତାହାର ପ୍ରମାଣ ସ୍ୱରୂପ ଆବେଦନ ସମୟରେ ଆଧାର କାର୍ଡ/ଭୋଟର ଆଇ.ଡି କାର୍ଡ ସହିତ ଗୃହ ଟିକସ ରସିଦର ନକଲ/ଦୋକାନ ଭଡ଼ା (ଯଦି ଦୋକାନ ଥାଏ) ଓ ଅନ୍ୟାନ୍ୟ ଟ୍ୟାକ୍ସ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପୈଠ ସମ୍ବନ୍ଧୀୟ ରସିଦର ନକଲ କପି ନିବିଦା ସହିତ ଦାଖଲ କରିବେ। ନଚେତ ତାହା ଗ୍ରହଣୀୟ ହେବନାହିଁ ।
5. ଯାହାଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟାଳୟରେ ସୂଚନା ପ୍ରାପ୍ତିର ୩ (ତିନି) ଦିନ ମଧ୍ୟରେ ଏକକାଳୀନ ସମସ୍ତ ଧାର୍ଯ୍ୟ ଦେୟ ମ୍ୟୁନିସିପାଲିଟି ଅଫିସରେ ପୈଠ କରିବେ। ନଚେତ ତାଙ୍କର ଜମାଥିବା ଅମାନ ଟଙ୍କା ବାଜ୍ୟାପ୍ତ କରାଯିବ ଏବଂ ସମ୍ପୃକ୍ତ ନିଲାମର ଦ୍ୱିତୀୟ ସର୍ବୋଚ୍ଚ ଦର ଉପସ୍ଥାପନ କରିଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନଙ୍କୁ ନିଲାମରେ ଦିଆଯିବ ।
6. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହିତ ଆବଶ୍ୟକୀୟ ଚୁକ୍ତିପତ୍ର ନିଲାମ ଚୂଡ଼ାନ୍ତ ହେବାର ୩ (ତିନି) ଦିନ ମଧ୍ୟରେ କରିବେ ।
7. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ, ତାଙ୍କର ଅମାନତ ଟଙ୍କା ନିଲାମ ଅବଧି ସରିଲା ପରେ ଆବେଦନ କ୍ରମେ ଫେରସ୍ତ ଦିଆଯିବ ଓ ଏହା ସହିତ ଅସିଦ୍ଧ ହୋଇଥିବା ଅନ୍ୟ ନିଲାମଧାରୀଙ୍କର ଅମାନତ ଟଙ୍କା ନିଲାମ ପ୍ରକ୍ରିୟା ସରିଲା ପରେ ଆବେଦନ କ୍ରମେ ଫେରସ୍ତ କରାଯିବ ।
8. ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟର ପରିବର୍ତ୍ତନ ହେଲେ କିମ୍ବା ନିୟମରେ କୌଣସି ପରିବର୍ତ୍ତନ କରାଗଲେ ନିଲାମଧାରୀ ତାହା ପାଳନ କରିବାକୁ ବାଧ୍ୟ ରହିବେ ।
9. ଅମାନତ ଟଙ୍କା ଫେରସ୍ତ ଦେଲାବେଳେ ସେଥିରେ କୌଣସି ସୁଧ ଦିଆଯିବ ନାହିଁ କିମ୍ବା ନିବିଦା କିଣିବା ବାବଦରେ ଜମା କରିଥିବା ଟଙ୍କା ଫେରସ୍ତ ଦିଆଯିବ ନାହିଁ ।
10. ଯେଉଁ ନିଲାମଧାରୀଙ୍କର ସୈରାତ ସିଦ୍ଧ ହୋଇଥିବ ସେହି ବ୍ୟକ୍ତି ଭବିଷ୍ୟତରେ ତାହା କାର୍ଯ୍ୟକାରୀ ନ କରିପାରିଲେ ଏହି ବାବଦରେ ଜମାଥିବା ଅମାନତ ଟଙ୍କା ବାଜ୍ୟାପ୍ତ କରିବା ସହିତ ନିଲାମ ଟଙ୍କା ଫେରସ୍ତ ଦିଆଯିବ ନାହିଁ । ଏଣୁ ଏହି ପରିପ୍ରେକ୍ଷୀରେ ନିଲାମଧାରୀ ଉକ୍ତ ଟଙ୍କାକୁ ଦାବି କରିପାରିବେ ନାହିଁ ଏବଂ କୌଣସି ଆଇନ ଅଦାଲତରେ ଆଶ୍ରୟ ନେଇପାରିବେ ନାହିଁ ।

ସ୍ୱା./- ନିର୍ବାହୀ ଅଧିକାରୀ, ବାରିପଦା ପୌରପାଳିକା
OIPR-13078/11/0007/2223

# ମା'ପରି କିଏ ହେବ

ଜଣେ ମହିଳାଙ୍କ ପ୍ରେରଣା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଫଳତା ଆଣି ଦେଇଥାଏ। ମାତ୍ର ଜଣେ ମାଆ ପାଇଁ ଏହି ପ୍ରେରଣା ନିଜ ପିଲାଙ୍କ କ୍ଷେତ୍ରରେ ବହୁଗୁଣିତ ହୋଇଥାଏ। ମାଆ ସବୁ ବେଳେ ସବୁ କ୍ଷେତ୍ରରେ ପିଲାଙ୍କ ସଫଳତା କାମନା କରିଥାଏ। ରବିବାର ବିଶ୍ୱ ମାତୃ ଦିବସ । ଏହି ଅବସରରେ ଆମେ ଦକ୍ଷିଣ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା କେତେକ ସଫଳ ବ୍ୟକ୍ତିତ୍ୱଙ୍କୁ ଭେଟିଥିଲୁ। ସେମାନେ ନିଜ ମାଆଙ୍କ ପ୍ରେରଣାରେ ସାଉଁଟିଥିବା ସଫଳତାର ଅନୁଭୂତିରୁ କିଛି....

## ସଂକ୍ଷେପରେ

### ଗୋହତ୍ୟାକାରୀଙ୍କୁ ଧରି ପୋଲିସରେ ଦେଲେ



ଉମରକୋଟ, ୭।୫(ସ୍ୱ.ପ୍ର.)- ଗୋହତ୍ୟାକୁ ନେଇ ଉମରକୋଟ ପୌରାଞ୍ଚଳର କେନାଲସାହିରେ ଶନିବାର ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ଲୋକେ ୨ ଗୋହତ୍ୟାକାରୀଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ କେନାଲ ସାହିର ମଧୁ ହରିଜନ(୫୫) ଏବଂ ଜୟସିଂ ବାଘ(୫୨)। ମଧୁ ଓ ଜୟସିଂ ଗୋଟିଏ ଗାଈକୁ ମାରି ମାଂସ କାଟୁଥିବା ଖବରପାଇ ବଜରଙ୍ଗ ଦଳର ମିଲୁ ପଣ୍ଡା, ସତ୍ୟ ବେହେରା, ବିଶ୍ୱଜିତ ଠାକୁର, ସନ୍ତୋଷ ଜେନା, ସୁମିତ ଦଲେଇ, ଅଶୋକ ପାତ୍ର ପ୍ରମୁଖ ସେଠାରେ ପହଞ୍ଚିଥିଲେ । ସେମାନେ ଅଭିଯୁକ୍ତମାନଙ୍କୁ ଧରି ପୋଲିସକୁ ଖବର ଦେଇଥିଲେ। ଖବର ପ୍ରଚାର ହେବାପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ପୋଲିସ ୧୬୫/୨୨ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ମଧ ବହୁବାର ଗୋହତ୍ୟା ନେଇ ଥାନାରେ ଅଭିଯୋଗ ରହିଛି। ଉମରକୋଟ୍‌ରେ ଦିନକୁ ଦିନ ଗୋହତ୍ୟା ବଢୁଛି। ପ୍ରଶାସନ ଗୋହତ୍ୟା ବନ୍ଦ ପାଇଁ କୌଣସି ପଦକ୍ଷେପ ଗ୍ରହଣ ନ କରେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ବଜରଙ୍ଗ ଦଳ ଚେତାବନୀ ଦେଇଛି।

### ନିଆଁ ଲାଗି ଜଳିଗଲା ଦୋକାନ

ପାପଡ଼ାହାଣ୍ଡି/ ମଇଦଲପୁର, ୭।୫ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ହାଟପଦାର ଖଗପତି ପୂଜାରୀଙ୍କ କିରାନା ଦୋକାନରେ ନିଆଁ ଲାଗି ସମସ୍ତ ଜିନିଷ ପୋଡ଼ିଯାଇଛି। ନିଆଁ ଲାଗିବାର କାରଣ ଜଣା ପଡ଼ିନାହିଁ। ଶନିବାର ସକାଳୁ ଖଗପତି, ପୁଅ ମାଧବ ଓ ମନୋଜଙ୍କ ସହ ଦୋକାନ ଖୋଲିବାକୁ ଆସିଥିଲେ। ଖୋଲିବାର କିଛି ସମୟ ମଧରେ ଦୋକାନରେ ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁ ଲିଭାଇବାକୁ ଚେଷ୍ଟା କରିବାବେଳେ ଖଗପତିଙ୍କ ଗୋଡ଼ରେ ଆଘାତ ଲାଗିଛି। ତାଙ୍କୁ ପାପଡ଼ାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନିଆଁ ଲାଗି ଦୋକାନରେ ପ୍ରାୟ ୩୦ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଓ ଦୋକାନ ଘର ମଧ ପୋଡ଼ିଯାଇଥିବା ସୂଚନା ମିଳିଛି।

### ଦିବ୍ୟାଙ୍ଗଙ୍କୁ ଭିନ୍ନକ୍ଷମ କମିଶନର ନିଯୁକ୍ତି ଦାବି



ରାୟଗଡ଼ାରେ ଜନମତ ସଂଗ୍ରହ କାର୍ଯ୍ୟକ୍ରମ

ରାୟଗଡ଼ା ଅଫିସ,୭।୫- ରାଜ୍ୟରେ ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଭିନ୍ନକ୍ଷମ ଆୟୁକ୍ତ ଭାବେ ନିଯୁକ୍ତ କରିବାକୁ ରାୟଗଡ଼ା ଜିଲା ଭିନ୍ନକ୍ଷମ ମହାସଂଘ ଦାବି ହୋଇଛି। ଏଥିପାଇଁ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଶନିବାର ଜନମତ ସଂଗ୍ରହ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲାର ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଏବଂ ଜନସାଧାରଣ ନିଜ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସିସିପିଏଜି ସଂଘର ସମ୍ପାଦକ ଶିଶିର ରାଉଳ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଜିଲା ଭିନ୍ନକ୍ଷମ ମହାସଂଘର ସମ୍ପାଦକ ଅମରେନ୍ଦ୍ର ନାଥ ଏହାର ପରିଚାଳନା କରିଥିଲେ। ରାୟଗଡ଼ା ସମେତ ବିଭିନ୍ନ ଜିଲାରୁ ଏହି ଜନମତକୁ ସଂଗ୍ରହ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଉପସ୍ଥାପନ କରାଯିବ ବୋଲି ସଂଘର ସମ୍ପାଦକ କହିଛନ୍ତି। କାର୍ଯ୍ୟକ୍ରମରେ ସଂଘର ସଦସ୍ୟ ରାମ ଚନ୍ଦ୍ର ପାତ୍ର, ଝରଣା କୁମାର, ଟି.ସନ୍ତୋଷ, ବାବୁଲି, ସଞ୍ଜୟ ସେନାପତି, ରାମା ଶଙ୍କର ପ୍ରମୁଖ ଯୋଗ ଦେଇଥିଲେ।

### ଘନ ଘନ ବିଦ୍ୟୁତ୍ କାଟରେ ଲୋକେ ଅତିଷ୍ଠ

ଟିକିରି,୭।୫(ଡି.ଏନ୍.ଏ.)- ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକରେ ଘନଘନ ବିଦ୍ୟୁତ୍ କାଟ ସାଙ୍ଗକୁ ବିଦ୍ୟୁତ୍ ବିଲ୍ ଅଧିକ ଆସୁଥିବାରୁ ଅସନ୍ତୋଷ ବଢୁଛି। ସକାଳୁ ରାତି ପର୍ଯ୍ୟନ୍ତ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ସେହିପରି ସାମାନ୍ୟ ମେଘ, ପବନ ହେଲେ ଘଣ୍ଟାଘଣ୍ଟା ସମୟ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ରହୁଛି। ଫଳରେ ଗରମରେ ଲୋକେ ଛଟପଟ ହେବା ସହ କୌଣସି ଜରୁରୀ କାମ କରିପାରୁନାହାନ୍ତି। ଅନ୍ୟପକ୍ଷରେ ବାରମ୍ବାର ବିଦ୍ୟୁତ୍ କଟିବା ସତ୍ତ୍ୱେ ଅତ୍ୟଧିକ ଟଙ୍କାର ବିଲ୍ ଆସୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ କାଟ ନେଇ ବାରମ୍ବାର ଅଭିଯୋଗ ପରେ ମଧ କୌଣସି ସୁଫଳ ମିଳୁନାହିଁ। ଦଶମ ଶ୍ରେଣୀ ପରୀକ୍ଷା ଚାଲିଥିବାବେଳେ ମଧ ବାରମ୍ବାର ବିଦ୍ୟୁତ୍ କାଟ ହୋଇଥିଲା। ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

## ମା'ଙ୍କ ପରିଶ୍ରମ, ପ୍ରେରଣା ପାଇଁ ମିଳିଛି ସଫଳତା

ମାଲକାନଗିରି, ୭।୫ (ଡି.ଏନ୍.ଏ.)



ମା' ହୀରାମଣୀଙ୍କ ସହ ସବିତା କଟିମ ।

ମାଲକାନଗିରି ଭଳି ଏକ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳରୁ ବାହାରି ଜାତୀୟସ୍ତରରେ ଖେଳି ଓଡ଼ିଶା ପାଇଁ ଅନେକ ପଦକ ହାତେଇଛନ୍ତି ସବିତା କଟିମ। ସବୁ ସଫଳତାର ଶ୍ରେୟ ସେ ତାଙ୍କ ମା'ଙ୍କୁ ଦିଅନ୍ତି। ପିଲାଟି ବେଳୁ ବାପା ନାହାନ୍ତି। ମା' ହୀରାମଣିଙ୍କ ପରିଶ୍ରମ ଓ ପ୍ରେରଣା ଯୋଗୁ ସଫଳତାର ଗୋଟିଏ ପରେ ଗୋଟିଏ ଶିଢ଼ି ଚଢୁଛି ବୋଲି ସବିତା କହିଛନ୍ତି।

ବିବାହର କିଛି ବର୍ଷ ପରେ ସବବିତାଙ୍କ ବାପା ଆରପାରିକୁ ଚାଲିଗଲେ। କୋଳରେ ଛାଡିଗଲେ ଦେଢ଼ ବର୍ଷର ସବିତା। ଏତେ ଛୋଟବେଳରୁ ବାପା ନ ଥିଲେ ମଧ ମା' ହୀରାମଣି କେଉଁଥିରେ ମଧ ଊଣା ରଖିନାହାନ୍ତି। ପିଲାଟିବେଳୁ ସବିତାଙ୍କର ଖେଳପ୍ରତି ରୁଚି ଦେଖି ମା' ହୀରାମଣି ତାଙ୍କୁ କ୍ରୀଡ଼ା ହଷ୍ଟେଲରେ ଭର୍ତ୍ତି କରିଥିଲେ। ଝିଅଙ୍କ ପାଠପଢ଼ା ଓ ଖେଳ ପାଇଁ ହୀରାମଣି ପର ଘରେ କାମ କରୁଥିଲେ। ସମୟ ସହ ସବିତା ଓ ତାଙ୍କ ସ୍ୱପ୍ନ ମଧ ଧୀରେ ଧୀରେ ବଢ଼ିବାରେ ଲାଗିଲା। ମା' ହୀରାମଣି ମଧ ସବିତାଙ୍କ ସ୍ୱପ୍ନ ପୁରା କରିବାରେ କୌଣସି ହେଳା କରିନାହାନ୍ତି। ଅଧିକରୁ ଅଧିକ କାମ କରି ସେ ଝିଅ ସବିତାଙ୍କୁ ଖେଳିବାକୁ ପଠାଇଛନ୍ତି। ସବିତା ଜିଲା କ୍ରୀଡା ହଷ୍ଟେଲରେ ରହି ପ୍ରଶିକ୍ଷଣ ନେବା ପରେ ଜିଲା ଭଲିବଲ ଦଳରେ ସ୍ଥାନ ପାଇଥିଲେ। ଜିଲାସ୍ତରରେ ସଫଳତା ହାସଲ କରିବା ପରେ ତାଙ୍କୁ ଜାତୀୟ ଦଳରେ ସ୍ଥାନ ମିଳିଥିଲା। ସେ ୧୪ ବର୍ଷରୁ କମ ଓ ୧୯ ବର୍ଷରୁ କମ ଜାତୀୟ ଟୁର୍ନାମେଣ୍ଟରେ ଭାଗ ନେଇ ସଫଳ ମଧ ହୋଇଛନ୍ତି। ଜାତୀୟସ୍ତରରେ ଓଡ଼ିଶା ପାଇଁ ଖେଳିଛନ୍ତି। ସେ ଭଲିବଲ ସହ ଜାତୀୟସ୍ତର କ୍ରିକେଟରେ ମଧ ଭଲ ପ୍ରଦର୍ଶନ କରିଛନ୍ତି।

## ବୋଉଙ୍କୁ ଝୁରୁଛି ସେବା ସମାଜ

ଗୁଣପୁର,୭।୫(ଡି.ଏନ୍.ଏ.)



ସେବା ସମାଜ ଅନ୍ତେବାସୀଙ୍କ ସହ ଶାନ୍ତିଦେବୀ (ଫାଇଲ୍ ଫଟୋ)।

ପଦ୍ମଶ୍ରୀ ଶାନ୍ତି ଦେବୀ ରାୟଗଡ଼ା ଜିଲାର ଗୁଣପୁରଠାରେ ସେବା ସମାଜ ନାମରେ ଏକ ଅନୁଷ୍ଠାନ କରିଥିଲେ। ଅନେକ ଗରିବ ଓ ଅସହାୟ ଝିଅଙ୍କୁ ଆଣି ପାଖରେ ରଖି ସେମାନଙ୍କୁ ନିଜ ସନ୍ତାନ ରୂପେ ପାଳିଥିଲେ। ତେଣୁ ସେବା ସମାଜରେ ସେ ବୋଉ ରୂପେ ପରିଚିତ ଥିଲେ। ବୋଉଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ବର୍ଷ ଅନୁଷ୍ଠାନରେ ବିଶ୍ୱ ମାତୃ ଦିବସ ପାଳନ କରାଯାଇଥାଏ। ଚଳିତ ବର୍ଷ ତଙ୍କର ଆବର୍ତ୍ତମାନରେ ସେବା ସମାଜର ଝିଅମାନେ ବୋଉଙ୍କୁ ଝୁରୁଛନ୍ତି। ସେବା ସମାଜର ସମସ୍ତ ଅନ୍ତେବାସୀ ଖୁସିରେ ଏହି ଦିବସକୁ ପାଳିଥାନ୍ତି। ଚଳିତ ବର୍ଷ ସମସ୍ତେ ଅଛୁ ହେଲେ ଯେଉଁ ପ୍ରିୟ ବୋଉଙ୍କ ଉଦ୍ଦେଶ୍ୟରେ ଏହି ଦିବସ ପାଳୁଥିଲୁ ସେ ନାହାନ୍ତି ବୋଲି ଏଠାରେ ରହୁଥିବା ଝିଅମାନେ କହିଛନ୍ତି। ବିଦ୍ୟୁସ୍ମିତା ଶବର, ସୁଭଦ୍ରା ଶବର, ଏସନି ଶବର, ଲିଲି ହିମିରିକା, ନାଗିନ ଶବର ପ୍ରମୁଖ ପ୍ରତ୍ୟେକ ବର୍ଷ ମାତୃ ଦିବସରେ କବିତା ଲେଖି ବୋଉଙ୍କ ଉଦ୍ଦେଶ୍ୟରେ ଗାଇଥାନ୍ତି। ବୋଉ ମଧ ଖୁସିରେ ହସିଦିଅନ୍ତି। ସେ ହସ ଆମ ପାଇଁ ଅମୂଲ୍ୟ। ଆଜି ବି ସେ ଆମମାନଙ୍କ ମଧରେ ଜୀବିତ ବୋଲି ଝିଅମାନେ କହିଛନ୍ତି।

## ପୋଲିସ ହେବାରେ ମା' ପ୍ରେରଣା

ବିଷମକଟକ, ୭।୫(ଡି.ଏନ୍.ଏ.)



ବିଷମକଟକ ଏସ୍‌ଡିପିଓ ଆକାଶ ସାହୁ ଓ ତାଙ୍କ ମା' ପ୍ରମିଳା ସାହୁ।

ଯାଜପୁର ଜିଲା ଜେନାପୁର ଥାନା ଅଞ୍ଚଳରେ ରହିଥିବା ଛୋଟିଆ ଗାଁ କଲାଣ୍ଡରେ ମୋର ଜନ୍ମ। ଛୋଟବେଳୁ ହିଁ ମୋତେ ପୋଲିସ ଅଫିସର କରିବାକୁ ମା' ସ୍ୱପ୍ନ ଦେଖିଥିଲେ। ସମାଜରୁ ଅପରାଧକୁ ମୂଳପୋଛ କରିବା ଦିଗରେ ସେ ମୋତେ ସବୁବେଳେ ପ୍ରେରିତ କରୁଥିଲେ। ଏହା ହିଁ ତାଙ୍କୁ ଜଣେ ପୋଲିସ ଅଫିସର ହେବା ପାଇଁ ଉତ୍ସାହିତ କରିଥିଲା। ଓଡ଼ିଶା ପୋଲିସରେ ଯୋଗ ଦେବାପରେ ୨୦୧୬ ରେ ପ୍ରଥମେ ରାଉରକେଲା ଏସ୍‌ଡିପିଓ ଦାୟିତ୍ୱରେ ଥିଲି। ପରେ ରାୟଗଡ଼ା ଜିଲାକୁ ବଦଳି ହୋଇଥିଲା। ୨୦୨୦ ରେ ବିଷମକଟକ ଏସ୍‌ଡିପିଓ ରୂପେ ଯୋଗ ଦେଇଥିଲି। ଅଧୀନରେ ଥିବା ୪ଟି ଥାନା ଦାୟିତ୍ୱ ନିଷ୍ଠାପର ଭାବେ ତୁଲାଇଥିବାରୁ ନିକଟରେ ଡିଜିପି ଡିସ୍କ ଆୱାର୍ଡ ପାଇଛି। ଏହି ପୁରସ୍କାର ପଛରେ ମଧ ମା'ଙ୍କ ପ୍ରେରଣା ରହିଛି। ତେଣୁ ଆୱାର୍ଡ ପାଇବା ପରେ ପ୍ରଥମେ ମା'ଙ୍କ ଆଶୀର୍ବାଦ ନେଇଥିଲି। ମୋ ମା' କୁହନ୍ତି, ଯଦି ସମାଜରେ ସବୁ ପୁଅ ଅପରାଧରୁ ଦୂରେଇଯିବେ ତାହା ହିଁ ସେମାନଙ୍କ ମା'ଙ୍କ ପ୍ରତି ପ୍ରକୃତ ସମ୍ମାନ ହେବ।

## ଖେଳିବା ପାଇଁ ଉତ୍ସାହିତ କରିଥିଲେ ମା'

ଉମରକୋଟ,୭।୫(ସ୍ୱ.ପ୍ର.)

ଛୋଟ ବୟସରୁ ଖେଳପ୍ରତି ବହୁତ ଆଗ୍ରହ ଥିଲା। ମୁଁ ପ୍ରଥମେ ଆତ୍ମରକ୍ଷା କୌଶଳ ତାଲିମ ନେଉଥିଲି। ଉମରକୋଟରେ ଖେଳିବା ପାଇଁ ଏତେଟା ସୁବିଧା ନ ଥିବାରୁ ଅନ୍ୟ ଜିଲାକୁ ଯାଇ ତାଲିମ ନେଲି। ମୋ ମା ସବିତା କବିରାଜ ଏଥିରେ ବହୁତ ସହଯୋଗ କରି ଉନ୍ନତ ଖେଳ ପ୍ରଦର୍ଶନ ପାଇଁ ଉତ୍ସାହିତ କରିଛନ୍ତି। ଅନେକଙ୍କ ଘରେ ଝିଅମାନଙ୍କୁ ବାହାରକୁ ପ୍ରାୟ ଛାଡ଼ନ୍ତି ନାହିଁ, କିନ୍ତୁ ମୋ ମା ମୋତେ ଭଲ ଖେଳିବା ପାଇଁ ସାହସ ଦେଇଥିଲେ। ମା'ଙ୍କ ଆଶୀର୍ବାଦରୁ ହିଁ ସଫଳତା ମିଳିଛି।



ମା'ସବିତାଙ୍କ ସହ ଭାରତୀୟ ଫୁଟବଲ୍ (ଅଣ୍ଡର ୨୦) ଖେଳାଳି ବନ୍ୟା କବିରାଜ ।

## ଥଇଥାନ ନ କରି ଉଚ୍ଛେଦ କଲେ ଧାରଣା ଦିଆଯିବ

### ଚେତାବନୀ ଦେଲେ ପୌରାଧକ୍ଷା ପ୍ରାର୍ଥିନୀ

ରାୟଗଡ଼ା ଅଫିସ,୭।୫

ରାୟଗଡ଼ା ସହରସ୍ଥିତ ରୋହିତ କଲୋନୀ କୋଇଲାପଡ଼ା ବସ୍ତିକୁ ଆସନ୍ତା ୯ ତାରିଖରେ ଉଚ୍ଛେଦ କରାଯିବ। ଏ ନେଇ ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରି କରାଯାଇଛି। ୯ତାରିଖ ପୂର୍ବରୁ ବସ୍ତି ଛାଡ଼ିବା ପାଇଁ ଏଥିରେ କୁହାଯାଇଛି। ଏହି ନୋଟିସକୁ ନେଇ ଶନିବାର ପୂର୍ବତନ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝି ଓ ତାଙ୍କ ସ୍ତ୍ରୀ ମମତା(ପୌରାଧକ୍ଷା ପ୍ରାର୍ଥିନୀ) ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପୂର୍ଣ୍ଣଚନ୍ଦ୍ର ଏବଂ ମମତା ଉକ୍ତ ବସ୍ତିକୁ ଯାଇ ସେଠାରେ ବସବାସ କରୁଥିବା ଲୋକଙ୍କ ସହ ଆଲୋଚନା କରିଛନ୍ତି। ବିନା ଥଇଥାନରେ ବସ୍ତିବାସିନ୍ଦାଙ୍କୁ ଉଚ୍ଛେଦ କରାଗଲେ କୋଇଲାପଡ଼ା ବାସିନ୍ଦାଙ୍କ ସମର୍ଥନରେ ଧାରଣାରେ ବସିବେ ବୋଲି କହିଛନ୍ତି। ନିର୍ବାଚନ ବେଳେ ପାଖକୁ ଆସି ଭୋଟ ମାଗିଥିବାବେଳେ ଏବେ ଉଚ୍ଛେଦ ସମୟରେ ନେତାଙ୍କ ଦର୍ଶନ ନାହିଁ ବୋଲି ବସ୍ତି ବାସିନ୍ଦା କହିଛନ୍ତି।

## ଯାତ୍ରୀ ବିଶ୍ରାମ ପାଇଁ ସିମେଣ୍ଟ ଚେୟାର ସ୍ଥାପନ



କୋଲନରା,୭।୫(ଡି.ଏନ୍.ଏ.)- ରାୟଗଡ଼ା ଜିଲା କୋଲନରା ବ୍ଲକ ସଦର ପଞ୍ଚାୟତ ପକ୍ଷରୁ ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ଛକରେ ଶନିବାର ସିମେଣ୍ଟ ନିର୍ମିତ ଚେୟାର ସ୍ଥାପନ କରାଯାଇଛି। ଭୁଜବଳସ୍ଥିତ ନୂଆ ସାହି, ଢେପାଗୁଡ଼ା ଛକ, ମାଟିଆ ସାହି ଛକ, ଜାମ୍ବୁ ଲେଲିବାଡ଼ି ଛକ, ଗୌଡ଼ ଲେଲିବାଡୀ ଛକ, ଲେକାପାଇ ଛକ, ସନ୍ତୋଷୀ ମନ୍ଦିର ଛକ, ରେଙ୍ଗାଲପାଡୁ ଓ ଗୁଆକୋଣା ଛକ ଅଦି ସ୍ଥାନରେ ୨୦ରୁ ଉର୍ଦ୍ଧ୍ୱ ସିମେଣ୍ଟ ଚେୟାର ସ୍ଥାପନ କରାଯାଇଛି। ପଥିକମାନେ ଏଠାରେ ବିଶ୍ରାମ ନେଇପାରିବେ। କାର୍ଯ୍ୟକ୍ରମରେ କୋଲନରା ବ୍ଲକ ଅଧକ୍ଷା ସନ୍ତୋଷୀ କୁଲେସିକା, ସରପଞ୍ଚ ପରମାନନ୍ଦ କୋଣ୍ଡାଗରୀ, ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ଏବିଡିଓ ନୃସିଂହ ଚରଣ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବାଲ୍ୟବିବାହର କୁପରିଣତି ନେଇ ସଚେତନତା

ଗୁଣପୁର,୭।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଘନାନ୍ତ୍ରୀ ପଞ୍ଚାୟତ ଅନ୍ତର୍ଗତ ମେରିଙ୍ଗି ଗ୍ରାମଠାରେ ବାଲ୍ୟବିବାହ ନ କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ସଭା ଏବଂ ଶୋଭାଯାତ୍ରା କରାଯାଇଥିଲା। ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅଙ୍ଗନୱାଡି କର୍ମୀ ବାସନ୍ତି ଛିଞ୍ଚାଣୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟା ସୁକାନ୍ତି ଶବର, ଶିକ୍ଷକ ଦିଲୀପ କୁମାର ପଣ୍ଡା, ପାଚିକା କାଞ୍ଚନ ଶବର ପ୍ରମୁଖ ଉପସ୍ଥିତ ଥିଲେ। ବାଲ୍ୟବିବାହର କୁପରଣତି ସହ ଏଥିନିମନ୍ତେ ରହିଥିବା ଦଣ୍ଡ ବିଧାନ ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ତେଣୁ ବାଲ୍ୟବିବାହଠାରୁ ଦୁରେଇ ରହିବା ପାଇଁ ଆହ୍ୱାନ କରାଯାଇଥିଲା। ଏସ୍‌ଏଚ୍‌ଜି ମହିଳାଙ୍କ ସମେତ ୨୫ କିଶୋରୀ ଏଥିରେ ଅଂଶଗ୍ରହଣ କରିଥିଲେ।



ଗାଁରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

## ସ୍କୁଲ ଖୋଲିବାକୁ ବିଧାୟକ, ଜିଲାପାଳଙ୍କୁ ଅନୁରୋଧ

ନବରଙ୍ଗପୁର,୭।୫ (ବି.ପ୍ର.)

କମ୍ ଛାତ୍ରୀଛାତ୍ର ଥିବା ଦର୍ଶାଇ ବନ୍ଦ କରାଯାଇଥିବା ଏକ ସ୍କୁଲକୁ ଖୋଲିବାକୁ ଅଭିଭାବକମାନେ ଅନୁରୋଧ କରିଛନ୍ତି। ସ୍କୁଲ ଖୋଲିଲେ ପିଲାମାନେ ଉପକୃତ ହେବେ ବୋଲି ଅଭଭିଭାବକମାନେ ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ଲିଖିତଭାବେ ଜଣାଇଛନ୍ତି। ସୂଚନାନୁଯାୟୀ, ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଚିର୍ମା ପଞ୍ଚାୟତ ଶଙ୍କର୍ଦା ଗ୍ରାମରେ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟର ଏକ ପୁରୁଣା ସ୍କୁଲ ଥିଲା। କମ୍ ଛାତ୍ରୀଛାତ୍ର ଦେଖାଇ ଉକ୍ତ ସ୍କୁଲକୁ ବନ୍ଦ କରିଦିଆଯାଇଛି। ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଗାଁରେ ଅଛନ୍ତି। ଦୁର୍ଗମ ଅଞ୍ଚଳ ସହ କୁଲି କାମ କରି ପରିବାର ପ୍ରତିପୋଷଣ କରୁଥିବାରୁ ପିଲାମାନଙ୍କୁ ଦୂରକୁ ପଠାଇବାକୁ ଅଭିଭାବକମାନେ ସକ୍ଷମ ନୁହଁନ୍ତି। ତେଣୁ ଉକ୍ତ ବିଦ୍ୟାଳୟକୁ ପୁନର୍ବାର ଖୋଲିବାକୁ ଅଭିଭାବକମାନେ ଜିଲାପାଳ ଓ ବିଧାୟକଙ୍କୁ ଦାବି କରିଛନ୍ତି।

## ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶକ୍ରମେ ମୃତକଙ୍କ ପରିବାରକୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ

ନବରଙ୍ଗପୁର,୭।୫ (ବି.ପ୍ର.)

କାମ କରିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିବା ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା କୋଚିଆଗୁଡା ଗ୍ରାମର ମୋହନ ଖାତିଙ୍କ ପରିବାରକୁ ଜାତୀୟ ମାନବାଧିକାର କମିଶନର (ଏନ୍‌ଏଚ୍‌ଆର୍‌ସି)ଙ୍କ ନିର୍ଦ୍ଦେଶକ୍ରମେ ୧ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଛି। ଟିପିଏସ୍‌ଓଡ଼ିଏଲ୍ ନିର୍ବାହୀଯନ୍ତ୍ରୀ ଅଭିଜିତ ପାଢ଼ି ମୃତକଙ୍କ ପରିବାରକୁ ଚେକ୍ ପ୍ରଦାନ କରିଛନ୍ତି।

ସୂଚନାନୁଯାୟୀ, ବିଦ୍ୟୁତ୍ ବିଭାଗ କର୍ମଚାରୀ ବିଦ୍ୟୁତ୍‌କାଟ ନ କରି ମୋହନଙ୍କୁ ତାର ଯୋଡିବା ପାଇଁ ଖୁଣ୍ଟିରେ ଚଢ଼ାଇଥିଲେ। କାମ କରିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୋହନଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ପରେ ରାସ୍ତାରୋକୋ ଓ ଆନ୍ଦୋଳନ ହୋଇଥିଲା। ସାମାଜିକ କର୍ମୀ ବିଭୁତି ପ୍ରସାଦ ପଣ୍ଡା ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଏହାକୁ ନେଇ ଅଭିଯୋଗ କରିଥିଲେ। ୨୦୧୯ ଏପ୍ରିଲ ୧୮ରେ କେସ୍ ନଂ ୩୦୮୧/୧୮/୧୦/୨୦୧୯/ଓସି ରେ ଏକ ମାମଲା ରୁଜୁ କରାଯାଇଥିଲା। ସମସ୍ତ ଘଟଣାକୁ ଅନୁଧ୍ୟାନ କରିବା ସହ ବିଦ୍ୟୁତ ବିଭାଗର ରିପୋର୍ଟ ଆଧାରରେ ମାନବାଧିକାର କମିଶନର ମୃତ ମୋହନ ଖାତିଙ୍କ ପରିବାରଙ୍କୁ ୧ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।



## ଅଗ୍ନି ନିର୍ବାପନ ବ୍ୟବସ୍ଥା ଯାଞ୍ଚିକଲା ଦମକଳ ବିଭାଗ

ଜୟପୁର, ୭।୫ (ନି.ପ୍ର.)

ଜୟପୁର ଦମକଳ ବିଭାଗ ପକ୍ଷରୁ ଶନିବାର ସହରର ଗ୍ୟାସ୍ ଡିପୋ, ପେଟ୍ରୋଲ ପମ୍ପ, ସିନେମା ହଲ୍‌ଗୁଡିକରେ ଅଗ୍ନି ନିବାପକ ଯନ୍ତ୍ରର ଯାଞ୍ଚ କରାଯାଇଛି। ଏସବୁ ସ୍ଥାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅଛି କି ନାହିଁ ତାହାର ତଦାରଖ କରାଯାଇ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନରେ ଏହି ବ୍ୟବସ୍ଥା ନାହିଁ ସେମାନଙ୍କୁ ନୋଟିସେ କରାଯାଇଛି । ସହରରେ ୪ଟି ଗ୍ୟାସ୍ ଡିପୋ ଥିବା ବେଳେ କାହାର ଫାୟାର ସାର୍ଟିଫିକେଟ ନାହିଁ । ସହରରେ ୧୦ରୁ ଅଧିକ ପେଟ୍ରୋଲ ପମ୍ପ ରହିଛି। ସମସ୍ତଙ୍କ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି। ପମ୍ପର କର୍ମଚାରୀମାନଙ୍କୁ ତାଲିମ ଦିଆଯାଇଥିଲା । ସହରରେ ୪ରୁ ଅଧିକ ମଲ୍ ରହିଛି। ସେସବୁ ରବିବାର ଯାଞ୍ଚ କରାଯିବ, ଯାହାର ଅଗ୍ନି ନିରପତ୍ତା ବ୍ୟବସ୍ଥା ନ ଥିବ ସେମାନଙ୍କୁ ନୋଟିସେ କରାଯିବ ବୋଲି ଅସିଷ୍ଟାଣ୍ଟ ଫାୟାର ଅଫିସର କୁନା ନାୟକ କହିଛନ୍ତି ।

## କୃଷି ମହାବିଦ୍ୟାଳୟର ଚତୁର୍ଥ ବୋର୍ଡ ଅଫ୍ ଷ୍ଟିଡିଜ୍ ସଭା

### ଜିଆଇଇଟି ବିଶ୍ୱବିଦ୍ୟାଳୟ

ଗୁଣପୁର,୭।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱ ବିଦ୍ୟାଳୟ ଅଧୀନ କୃଷି ମହାବିଦ୍ୟାଳୟର ଚତୁର୍ଥ ବୋର୍ଡ ଅଫ ଷ୍ଟିଡିଜ୍ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଅନାଥ ବନ୍ଧୁ ଦାସ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କ୍ଷେତ୍ର ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଅଶୋକ କୁମାର ମହାପାତ୍ର ଏବଂ ଏଗ୍ରିକଲଚର ବାୟୋଟେକ୍ନୋଲୋଜି ବିଭାଗ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଜ୍ଞାନ ରଞ୍ଜନ ରାଉତ ନିମନ୍ତ୍ରିତ ସଦସ୍ୟ ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ପଣ୍ଡା ଆଗାମୀ ଶିକ୍ଷା ବର୍ଷରେ କାର୍ଯ୍ୟକାରି ହେବାକୁ ଥିବା ନୂତନ ପାଠ୍ୟଖସଡ଼ା ପରିବର୍ତ୍ତନ କରିବା, ସ୍ନାତକୋତ୍ତର ଶ୍ରେଣୀ ଆରମ୍ଭ କରିବା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ସୃଷ୍ଟି କରିବା ନେଇ ସଦସ୍ୟ ମାନଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। ପରେ ଏହି ପ୍ରସ୍ତାବ ଗୁଡ଼କୁ ସଭାରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ଗୃହୀତ ହୋଇଥିଲା। ଅଧ୍ୟାପିକ ରିନା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସଭାରେ ସହାୟକ ଡିନ୍ ଅଶୋକ କୁମାର ମିଶ୍ର ତଥା ବିଭାଗର ଅଧ୍ୟାପିକା, ଅଧ୍ୟାପିକ ଯୋଗ ଦେଇଥିଲେ।



ବୈଠକରେ ଅତିଥିମାନେ ।

## 'ଶିକ୍ଷକ ମାରଣ ନୀତି ଆପଣାଇଛି ଉମରକୋଟ ଶିକ୍ଷା ବିଭାଗ'

### ଜିଲା ପରିଷଦ ବୈଠକରେ ଜନପ୍ରତିନିଧିଙ୍କ ଅଭିଯୋଗ

ନବରଙ୍ଗପୁର, ୭।୫(ବି.ପ୍ର.)

ଦୀର୍ଘ କିଛି ମାସ ହେବ ବିଭିନ୍ନ ଅନିୟମିତତା ଓ ତ୍ରୁଟିପୂର୍ଣ୍ଣ ପରିଚାଳନାରେ ଚାଲିଛି ଉମରକୋଟ ବ୍ଲକ ଶିକ୍ଷା ବିଭାଗ। ଏ ନେଇ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଓ ଜିଲା ପରିଷଦ ଉପାଧକ୍ଷା ଲିପିକା ବାରାଇ ଗତ ୪ ତାରିଖରେ ହୋଇଥିବା ଜିଲା ପରିଷଦ ବୈଠକରେ ଅଭିଯୋଗ କରିଥିଲେ। ଶିକ୍ଷକ ବଦଳିରେ ଅନିୟମିତତା ଓ ବିଦ୍ୟାଳୟ ପରିଚାଳନାରେ ସମସ୍ୟା ଦେଖାଯିବା ନେଇ ସେମାନେ ଅଭିଯୋଗ ଆଣିଥିଲେ।

ଗତ ନଭେମ୍ବର ଓ ଡିସେମ୍ବରରେ ବିଭିନ୍ନ ବର୍ଗର ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇଥିଲା। ଶିକ୍ଷକ ଛାତ୍ର ଅନୁପାତରେ ସ୍ନାତକ, କଳା, ବିଜ୍ଞାନ ଓ ପ୍ରାଥମିକ ପ୍ରଧାନଶିକ୍ଷକ ପଦବୀ ପୂରଣ କରାଗଲା। କିନ୍ତୁ ପରବର୍ତ୍ତୀ ସମୟରେ ବିଭିନ୍ନ କାରଣ ଦର୍ଶାଇ ସୀମାନ୍ତ ଅଞ୍ଚଳରୁ ଶିକ୍ଷକମାନଙ୍କୁ ସହରାଞ୍ଚଳ ଓ ବ୍ଲକ ପାଖ ବିଦ୍ୟାଳୟକୁ ବଦଳି କରାଗଲା। ଫଳରେ ସରକାରଙ୍କ ନିର୍ଦ୍ଦେଶନାମା ଓ ପଦୋନ୍ନତିର ମାପକାଠିରେ ବ୍ୟତିକ୍ରମ ଦେଖାଗଲା। ଏପରି କି ସ୍ନାତକ ଶିକ୍ଷକ ପ୍ରାଥମିକ ବିଦ୍ୟାଳୟକୁ ବଦଳି ହେଲେ। ଜଣେ ଜଣେ ଶିକ୍ଷକଙ୍କୁ ଏକାଧିକ ଥର ବଦଳି କରାଗଲା। ଏହି ପ୍ରକ୍ରିୟା ବ୍ଲକ ଓ ଜିଲା ପ୍ରଶାସନର ମଧୁଚନ୍ଦ୍ରିକାରେ ଆଦର୍ଶ ଆଚରଣବିଧି ସମୟରେ ମଧ ଚାଲିଥିଲା। କେତେକ ଶିକ୍ଷକ ପ୍ରଶାସନର ମୌଖିକ ଆଦେଶରେ ବଦଳି ହେଲେ। ଅନେକ ପ୍ରାଥମିକ ବିଦ୍ୟାଳୟ ଜଣେ ଶିକ୍ଷକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାତ୍ର ୨ଜଣ ଶିକ୍ଷକରେ ଚାଲୁଥିଲା। ଫଳରେ ଗୁଣାତ୍ମକ ପ୍ରାଥମିକ ଶିକ୍ଷା ଭୁଶୁଡ଼ି ଗଲା। ଅନ୍ୟପକ୍ଷରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ମଧ ପରିଚାଳନାଗତ ତ୍ରୁଟି ଓ ଆର୍ଥିକ ଅନିୟମିତତା ମଧରେ ଗତି କରୁଛି। କାର୍ଯ୍ୟାଳୟର ଡିଜିଟାଲ ଉପସ୍ଥାନ କାର୍ଯ୍ୟ କରୁ ନ ଥିବାବେଳେ କର୍ମଚାରୀଙ୍କ ସମୟାନୁବର୍ତ୍ତିତାରେ ବ୍ୟତିକ୍ରମ ଦେଖାଯାଇଛି। ହାତଗୁଞ୍ଜା ନ ଦେଲେ କୌଣସି ସରକାରୀ କାର୍ଯ୍ୟ ହେଉନାହିଁ। ବିଭିନ୍ନ ଆଳ ଦେଖାଯାଇ ଶିକ୍ଷକଙ୍କ କାର୍ଯ୍ୟ କରାଯାଉନାହିଁ। ଏପ୍ରିଲ ମାସରୁ ମଧାହ୍ନଭୋଜନ ରୋଷେଇ ବ୍ୟବସ୍ଥା ହୋଇଥିଲେ ମଧ ଏପର୍ଯ୍ୟନ୍ତ ଚାଉଳ ଯୋଗାଣ ହେଉନାହିଁ। ଗୋଟିଏ ନିର୍ଦ୍ଦିଷ୍ଟ ବ୍ୟାଙ୍କରେ ବିଦ୍ୟାଳୟର ଜମା ଖାତା ଖୋଲିବାକୁ ବାଧ କରାଯାଉଛି। ଅନୁଦାନ ଅର୍ଥ ଉଠାଣ ପାଇଁ ଦୂର ଶିକ୍ଷକଙ୍କୁ ଅସୁବିଧା ହେଉଛି। ସରକାର ସ୍ୱଚ୍ଛ ଭାରତ ଅଭିଯାନର ସଫଳତା ପାଇଁ ଯଥେଷ୍ଟ ଉଦ୍ୟମ କରିଥିଲେ ମଧ ଖୋଦ୍ ବିଇଓଙ୍କ କାର୍ଯ୍ୟାଳୟରେ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟ ଦୀର୍ଘ ତିନି ବର୍ଷ ହେବ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହି ସରକାରୀ ଅର୍ଥ ନଷ୍ଟ ହେଉଛି। କରୋନା ସମୟରେ ଅନଲାଇନ୍ ନିଷ୍ଠା ପ୍ରଶିକ୍ଷଣ ନେଇଥିବା ଶିକ୍ଷକଙ୍କ ପ୍ରାୟ ସାତ ଲକ୍ଷ ବକେୟା ଟଙ୍କା ଦୀର୍ଘ ଚାରି ମାସ ହେଲା ଆସିଥିଲେ ମଧ ବିଭିନ୍ନ ବାହାନା ଆଳରେ ତାହା ପଡ଼ିରହିଛି। କାର୍ଯ୍ୟାଳୟ ପକ୍ଷରୁ ଏପର୍ଯ୍ୟନ୍ତ ଚିଠି ମଧ ହୋଇନି। ସପ୍ତମ ବେତନ କମିଶନଙ୍କ ୨୦% ଅର୍ଥ ଏପର୍ଯ୍ୟନ୍ତ ଶିକ୍ଷକଙ୍କୁ ମିଳିନାହିଁ। ପଦୋନ୍ନତିର ୫ମାସ ପରେ ମଧ ବର୍ଦ୍ଧିତ ଦରମା ଦିଆଯାଉନାହିଁ। ଫଳରେ ଶିକ୍ଷକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପରିଚାଳନାଗତ ତ୍ରୁଟି ଓ ଅପାରଗତା ଯୋଗୁ ବିଭିନ୍ନ ସମୟରେ ପରିଚାଳନା କମିଟି ସଦସ୍ୟମାନେ ସ୍କୁଲରେ ତାଲା ବନ୍ଦ କରୁଛନ୍ତି। ଅଧିକାରୀମାନେ କ୍ଷେତ୍ର ପରିଦର୍ଶନରେ ଆସି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି। ଏହି ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ପରବର୍ତ୍ତୀ ସମୟରେ ଶିକ୍ଷା ସଚିବ, ଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରାଯିବ ବୋଲି ବୁଦ୍ଧିଜୀବୀ ଓ ଜନସାଧାରଣ କହିଛନ୍ତି। ଲୋକପ୍ରତିନିଧିଙ୍କ ସୁପାରିସ୍ ଅନୁଯାୟୀ ବଦଳି ହୋଇଛି। କେତେକ କ୍ଷେତ୍ରରେ ଅନ୍ୟ ଜାଗାରୁ ଶିକ୍ଷକଙ୍କୁ ବଦଳି କରି ଅଣାଯାଉଛି। ଶିକ୍ଷକ ବଦଳି ନୀତିରେ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ଜିଲା ପରିଷଦ ବୈଠକରେ କହିଥିଲେ ଡିଇଓ ପ୍ରଦୀପ ନାଗ। ତେବେ ଉମରକୋଟ ବିଇଓ ବିକାଶ ଚନ୍ଦ୍ର ସରକାରଙ୍କୁ ପଚାରିବାରୁ ଜିଲାପରିଷଦ ବୈଠକରେ ହୋଇଥିବା ଅଭିଯୋଗ ସମ୍ପର୍କରେ ଅବଗତ ନାହିଁ ବୋଲି ସେ କହିଛନ୍ତି।

